## ଅନ୍ତର୍ଜାତୀୟ ବାଳିକା ଦିବସ

ଜଳେଶ୍ୱର,(ଡି.ଏନ.ଏ.)-ବାଲେଶ୍ୱର ଜିଲାର ଜଳେଶ୍ୱର ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଜଳେଶ୍ୱର ମହିଳା କଲେଜ ପରିସରରେ ଏକ ଆଇନ ସଚେତନତା ଦିବସ ପାଳିତ ହୋଇଯାଇଛି । କଲେଜ ଅଧକ୍ଷ ଡ. ପ୍ରଫୁଲ୍ଲ କୁମାର ଦେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମୁନ୍‌ସଫ ତଥା ସିଭିଲ ଜଜ୍ (ଜୁନିୟର ଡିଭିଜନ୍) ପାର୍ଥପ୍ରତୀକ ଯୋଗ ଦେଇ ଛାତ୍ରୀମାନେ କିପରି ନିଜକୁ ସୁରକ୍ଷା ଦେଇପାରିବେ ସେନେଇ ପରାମର୍ଶ ଦେଇଥିଲେ ।

# ଶ୍ରୀହୀନ ଶିଶୁ ଉଦ୍ୟାନ

ବାଲିଆପାଳ,୧୧।୧୦(ସ୍ୱ.ପ୍ର)

- ମୁଖ୍ୟ ଫାଟକ ଆଗରେ କୁଢ଼ କୁଢ଼ ଅଳିଆ
- ଆଡ୍ଡା ଜମାଉଛନ୍ତି ନିଶାଖୋର

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ସମ୍ମୁଖରେ ପ୍ରତିଷ୍ଠା ହୋଇଥିବା ଇନ୍ଦିରା ଶିଶୁ ଉଦ୍ୟାନ ଏବେ ସୌନ୍ଦର୍ଯ୍ୟ ହରାଇ ବସିଛି। ପୂର୍ବଭଳି ଆଉ ସେଠାରେ ଗହଳି ଲାଗି ରହୁନି। ରକ୍ଷଣାବେକ୍ଷଣ ଅଭାବରୁ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି।

ଶିଶୁଙ୍କ ଖେଳକୁଦ ଏବଂ ଉଦ୍ୟାନ ଭ୍ରମଣର ଆବଶ୍ୟକତାକୁ ଦୃଷ୍ଟିରେ ରଖି ତତ୍କାଳୀନ ଜଳେଶ୍ୱର ବିଧାୟକ ଜୟନାରାୟଣ ମହାନ୍ତି ୧୯୯୮ରେ ଏହି ଶିଶୁ ଉଦ୍ୟାନ ପ୍ରତିଷ୍ଠା କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ୨୦୧୧ରେ ଜୟନାରାୟଣଙ୍କ ପ୍ରଚେଷ୍ଟାରେ ଉକ୍ତ ଉଦ୍ୟାନର ନବୀକରଣ କରାଯାଇ ତତ୍କାଳୀନ ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଏହାକୁ ଲୋକାର୍ପଣ କରିଥିଲେ। ବିଭିନ୍ନ ଆଲୋକରେ ଆଲୋକିତ ଶିଶୁ ଉଦ୍ୟାନ ଖୁବ୍ ମନୋରମ ପାଲଟିଥିଲା। ଉଦ୍ୟାନରେ ବିଭିନ୍ନ ପ୍ରକାର ଶୋଭା ବର୍ଦ୍ଧନକାରୀ ଗଛ ଦୂରକୁ ଖୁବ୍‌ସୁନ୍ଦର ଦେଖା ଯାଉଥିବା ବେଳେ ବିଦେଶୀ ଦୂବ ଘାସର ଗାଲିଚା ସହିତ ବିଭିନ୍ନ ପ୍ରକାରର ଫୁଲ ଗଛରେ ସୁନ୍ଦର ପରିବେଶ ତିଆରି ହୋଇଥିଲା। ପିଲାମାନଙ୍କୁ ଆକର୍ଷିତ କରିବା ପାଇଁ ଦୋଳି ସହିତ ବିଭିନ୍ନ ପ୍ରକାରର ଖେଳ ପୋଷ୍ଟ ସ୍ଥାପନ ହୋଇଥିଲା। ଉଦ୍ୟାନକୁ ଆହୁରି ମନୋରମ କରିବା ପାଇଁ ଉଦ୍ୟାନର ମଧ୍ୟ ଭାଗରେ ଏକ କୁଣ୍ଡରୁ ଜଳ ସ୍ପ୍ରେ ହୋଇ ଉପରକୁ ଉଠି ବର୍ଷା ଭଳି ଖସି ପଡୁଥିଲା।



ବାଲିଆପାଳ ଇନ୍ଦିରା ଶିଶୁ ଉଦ୍ୟାନ।

ବିଛିଡ଼ି ହୋଇ ପଡୁଥିବା ଟୁନା ଟୁନା ଜଳବିନ୍ଦୁରେ ଅସ୍ତଗାମୀ ସୂର୍ଯ୍ୟଙ୍କ କିରଣ ପଡ଼ି ଇନ୍ଦ୍ରଧନୁର ଭ୍ରମ ସୃଷ୍ଟି କରୁଥିଲା। ଯାହାକି ପିଲାଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିଲା। ପିଲାମାନଙ୍କୁ ଜଗିବା ପାଇଁ ଅଭିଭାବକମାନେ ଉଦ୍ୟାନ ପାର୍ଶ୍ୱରେ ନିର୍ମିତ ବେଞ୍ଚରେ ବସି ସୌନ୍ଦର୍ଯ୍ୟ ଉପଭୋଗ କରୁଥିଲେ। ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ଯାଏ ପିଲାମାନଙ୍କରେ ଗହଳି ଲାଗି ରହୁଥିଲା। ହେଲେ ଏବେ ସେଠାରେ ଆଉ ଭିଡ଼ ଜମୁନି। ଉଦ୍ୟାନ ମୁଖ୍ୟ ଫାଟକ ଆଗରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଜମା ହୋଇଛି। ରାସ୍ତା ପାର୍ଶ୍ୱ ନାଳନର୍ଦ୍ଦମାର ଜଳ ଶିଶୁ ଉଦ୍ୟାନରେ ଜମରହି ମଶା ସୃଷ୍ଟି ହେଉଛନ୍ତି। ରାତିରେ ସେଠାରେ ନିଶାଖୋରମାନେ ଆଡ୍ଡା ଜମାଉଛନ୍ତି। ଜଗୁଆଳି ଆଉ ଏହି ଶିଶୁ ଉଦ୍ୟାନକୁ ଜଗୁ ନାହାନ୍ତି। ରକ୍ଷଣବେକ୍ଷଣ ଅଭାବରୁ ଅନାବନା ଘାସରେ କୃତ୍ରିମ ଜଙ୍ଗଲ ସୃଷ୍ଟି ହେବା ସହିତ ପିଲାମାନଙ୍କର ଦୋଳି, ବିଭିନ୍ନ ଖେଳ ପୋଷ୍ଟ ଭାଙ୍ଗି ନଷ୍ଟ ହୋଇଗଲାଣି। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିଲେ ମଧ ଉକ୍ତ ଶିଶୁ ଉଦ୍ୟାନପ୍ରତି ଗୋଷ୍ଠୀ ଉନ୍ନୟନ ଅଧିକାରୀ କିମ୍ବା ପ୍ରଶାସନର ଦୃଷ୍ଟି ପଡୁନାହିଁ। ସେଦିନର ଚଳ ଚଞ୍ଚଳ ଇନ୍ଦିରା ଶିଶୁ ଉଦ୍ୟାନ ଏବେ ସମସ୍ତଙ୍କର ଦୃଷ୍ଟି ଆଢୁଆଳରେ ସୌନ୍ଦର୍ଯ୍ୟହରା ହୋଇ ପଡ଼ିରହିଛି। ସ୍ଥାନୀୟ ପ୍ରଶାସନ ଏହି ଶିଶୁ ଉଦ୍ୟାନ ପ୍ରତି ଧ୍ୟାନଦେଇ ଏହାର ପୁନରୁଦ୍ଧାର କରିବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ପୋଡ଼ିହୋଇ ଗୁରୁତର ମହିଳାଙ୍କ ମୃତ୍ୟୁ

ପାଟଣା,୧୧।୧୦(ସ୍ୱ. ପ୍ର.)-କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ତୁରୁମୁଙ୍ଗା ଗ୍ରାମ ହାଟତୋଟା ସାହିରେ ଶନିବାର ରାତିରେ ଗ୍ୟାସ୍ ସିଲିଣ୍ଡରରୁ ନିଆଁ ଲାଗି ଶୈଳବାଳା ବେହେରା ନାମ୍ନୀ ମହିଳା ଗୁରୁତର ହୋଇଥିଲେ। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

### ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ବନ୍ତ,୧୧।୧୦(ସ୍ୱ.ପ୍ର.)-ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ସୁଆଁପଦା ଗ୍ରାମର ରମେଶ ମଣ୍ଡଳଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗାଁରେ ଏକ ମନ୍ଦିର ନିକଟରେ ଶନିବାର ଭଜନ ସମାରୋହ ଓ ପ୍ରସାଦ ସେବନ ଚାଲିଥିଲା। ରମେଶ ସେହି ସ୍ଥାନରୁ ନାବାଳିକାଙ୍କୁ ଡାକି ନେଇ ବଳାତ୍କାର କରିଥିବା ପୀଡ଼ିତାଙ୍କ ବାପା ଏତଲାରେ ଉଲ୍ଲେଖ କରିଛନ୍ତି। ଏନେଇ ଥାନାରେ ମାମଲା(ନଂ.୨୩୯/୨୧) ରୁଜୁ ହୋଇଛି।

### ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ

କେନ୍ଦୁଝର,୧୧।୧୦(ଡି.ଏନ.ଏ./ସ୍ୱ.ପ୍ର.)-ଦିବ୍ୟାଙ୍ଗମାନଙ୍କ ଅଧିକାର ପାଇଁ କେନ୍ଦୁଝର ଜିଲାରେ କାମ କରୁଥିବା ସଦ୍‌ଭାବନା ଅନୁଷ୍ଠାନ ପକ୍ଷରୁ ସୋମବାର ସ୍ଥାନୀୟ ନରଣପୁରସ୍ଥିତ ପ୍ରୟାସ ମାନସିକ ଅନଗ୍ରସର ବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗମାନଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଜୀବ୍ ଦୟା ଫାଉଣ୍ଡେଶନ ସହଯୋଗରେ ଝୁମ୍ପୁରା, ସଦର, ହରିଚନ୍ଦନପୁର, ପାଟଣା ଆଦି ବ୍ଲକର ୨୭ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର, ଟ୍ରାଇ ସାଇକେଲ ବଣ୍ଟନ ସହ ଗୁଞ୍ଜ, ନୂଆଦିଲ୍ଲୀର ସହାୟତାରେ ପ୍ରତ୍ୟେକଙ୍କୁ ରାଶନ କିଟ୍ ପ୍ରଦାନ କରାଯାଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ଅନସୂୟା ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୁଦି, ଗୁଞ୍ଜ ନୂଆଦିଲ୍ଲୀର ସୁରେଶ କୁମାର, ସହକାରୀ ଜିଲା ସମାଜ ମଙ୍ଗଳ ଅଧିକାରୀ ଗୁଣାକାର ଦାସ, ରୋଟାରିଆନ ଅନିରୁଦ୍ଧ ଶାହା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

### ‘ଆମ ବ୍ୟଙ୍ଗ ପସରା’ ଲୋକାର୍ପିତ

ଭଦ୍ରକ ଅଫିସ,୧୧।୧୦-ଭଦ୍ରକ ସାବିତ୍ରୀ ସଦନ, ସାବନ ବଜାରଠାରେ ବସନ୍ତ ମିଶ୍ରଙ୍କ ସମ୍ପାଦିତ ହାସ୍ୟ ଓ ବ୍ୟଙ୍ଗ ପତ୍ରିକା ‘ଆମ ବ୍ୟଙ୍ଗ ପସରା’ ଲୋକାର୍ପିତ ହୋଇଯାଇଛି। ଏହାସହ ଏକପଦୀ ସଙ୍କଳନ ‘ଗାରେ ହସ ଧାରେ ଲୁହ’ ଓ ଶିଶୁ ଗଳ୍ପ ସଂକଳନ ‘ଗପଟିଏ ସେତ ଶିଖାଟିଏ’ ଉନ୍ମୋଚନ କରାଯାଇଛି। ଡ. ଗୋଲକ ବିହାରୀ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଅମୃତ ଦର୍ଶନ ପତ୍ରିକାର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଓ ମୁଖ୍ୟବକ୍ତା ଡ. କ୍ଷୀରୋଦ କୁମାର ସାମଲ ଉନ୍ମୋଚନ କରିଥିଲେ। ଏହି ଅବସରରେ ଡ. ରାଧାରାଣୀ ମହାପାତ୍ରଙ୍କୁ ଆମ ବ୍ୟଙ୍ଗ ପସରା ସମ୍ମାନରେ ସମ୍ମାନିତ କରାଯାଇଥିଲା।

### ଦେଶୀ ମଦ ଭାଟିରେ ଚଢ଼ାଉ

ବେତନଟୀ,୧୧।୧୦(ସ୍ୱ.ପ୍ର.) ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଭାଲୁକଟୁଆ ସଂରକ୍ଷିତ ଜଙ୍ଗଲରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅବକାରୀ ଏବଂ ପୋଲିସ ଟିମ୍ ମିଳିତ ଭାବେ ଚଢ଼ାଉ କରିଛି। ସେଠାରୁ ବିପୁଳ ପରିମାଣର ମହୁଲ ପୋଚ ଏବଂ ଚୋରାମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ ନଷ୍ଟ କରାଯିବା ସହିତ ୪୫୦ଲିଟରର ଦେଶୀମଦ ଜବତ ହୋଇଛି।

ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ସଦର ଇନ୍ସପେକ୍ଟର ବିକାଶ ଟପ୍ପୋ, କୁଳିଅଣା ଓ ମୋରଡ଼ା ଅବକାରୀ ଟିମ୍ ଏବଂ ଏକ ପ୍ଲାଟୁନ ପୋଲିସ ଫୋର୍ସ ମିଳିତ ଭାବେ ସୋମବାର ପୂର୍ବାହ୍ନରେ ଅତର୍କିତ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଚୋରା ମଦମାଫିଆମାନେ ପଳାଇ ଯାଇଥିଲେ। ସେଠାରୁ ୪ହଜାର ୮ଶହ କିଲୋ ମହୁଲପୋଚ ଏବଂ ବ୍ୟାପକ ସରଞ୍ଜାମ ନଷ୍ଟ କରାଯିବା ସହିତ ବିପୁଳ ପରିମାଣରେ ପ୍ଲାଷ୍ଟିକ ଡ୍ରମ ଜବତ ହୋଇଥିଲା। ଏଥିସହିତ ବାହାର ଜିଲାକୁ ଚାଲାଣ ପାଇଁ ରଖାଯାଇଥିବା ୪୫୦ଲିଟରର ମହୁଲି ମଦ ଜବତ କରାଯାଇଥିଲା। ମାଜିଷ୍ଟ୍ରେଟ ଭାବେ ବାଙ୍ଗିରିପୋଷି ଅତିରିକ୍ତ ତହସିଲଦାର ସାହେବ ରାମ ବାସ୍କେଙ୍କ ଉପସ୍ଥିତିରେ ଏହି ଚଢ଼ାଉ କରାଯାଇଥିଲା।

## ପୂର୍ବତନ ସରପଞ୍ଚଙ୍କ ଘରୁ ଚୋରି

ଖଇରା,୧୧।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ସାରଡ଼ାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଦାମ ଚରଣ ପୃଷ୍ଟିଙ୍କ ଅଲିପୁର ବାସଭବନରେ କେହି ନ ଥିବା ବେଳେ ଚୋରମାନେ କଳାକନା ବୁଲାଇ ଦେଇଛନ୍ତି। ଅଭିଯୋଗ ପରେ ଶନିବାର ଅପରାହ୍ନରେ ଖଇରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୃଷ୍ଟିଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କର ଭଦ୍ରକରେ ବ୍ୟବସାୟ ଥିବା ବେଳେ ଗତ ସପ୍ତାହରେ ପରିବାର ଲୋକେ ଗ୍ରାମରେ ଅନୁପସ୍ଥିତ ଥିଲେ। ଚୋରମାନେ ଘର କବାଟ, ଗଡରେଜ ଭାଙ୍ଗି ୧୬ହଜାର ୫ଶହ ନଗଦ ଟଙ୍କା, ପୂଜା ସରଞ୍ଜାମ, ଆସବାବ ପତ୍ର ଇତ୍ୟାଦି ନେଇ ଫେରାର ହୋଇ ଯାଇଛନ୍ତି। ଶନିବାର ଅପରାହ୍ନରେ ପଡ଼ୋଶୀମାନେ କବାଟ ଖୋଲାଥିବା ଦେଖି ତାଙ୍କୁ ଖବର ଦେବା ପରେ ସେ ଘରକୁ ଆସି ଖଇରା ଥାନାରେ ଅଭିଯୋଗ କରିଥିଲେ।

## ୬ ସ୍କୁଲର ସମୀକ୍ଷା କଲେ ବିଧାୟକ

ବାଲେଶ୍ୱର ଅଫିସ, ୧୧।୧୦

ବାଲେଶ୍ୱର ସଦର ବ୍ଲକ ଅଧୀନ ଦୁବୁଲାଗଡ଼ି ପଞ୍ଚାୟତରେ ଥିବା ୟୁନିଅନ ସରକାରୀ ଉଚ୍ଚ ବିଦ୍ୟାଳୟରେ ୫ଟି ଅଧୀନ ୬ ସ୍କୁଲର ସମୀକ୍ଷା କରିଛନ୍ତି ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ। ଆଗାମୀ ଦିନରେ ଆଉ ୯ଟି ସ୍କୁଲ ୫ଟି ମାଧ୍ୟମରେ ରୂପାନ୍ତରିତ ହେବାକୁ ଯାଉଥିବା କହିଥିଲେ। ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତାଙ୍କୁ ନେଇ ଆଲୋଚନା ହୋଇଥିଲା। ବୈଠକରେ ସଦର ବ୍ଲକ ବିଡ଼ିଓ ନରେନ୍ଦ୍ର ନାଥ ଖମାରି, ବ୍ଲକ ଚେୟାରମ୍ୟାନ ନାରାୟଣ ପ୍ରଧାନ, ସିଆରସି ପ୍ରତାପ ପଣ୍ଡା, ବ୍ଲକ ଶିକ୍ଷା ଅଧିକାରୀ ମିହିର କୁମାର ପ୍ରଧାନ ଏବଂ ସରପଞ୍ଚ ଶୈଳବାଳା ଜେନା ଉପସ୍ଥିତ ଥିଲେ। ସେହିପରି ଛାନୁଆ ପଞ୍ଚାୟତର ଛାନୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ୫ଟି ରୂପାନ୍ତରଣ କାର୍ଯ୍ୟକୁ ବୁଲି ଦେଖିଛନ୍ତି ବିଧାୟକ ଦାସ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ। ସ୍କୁଲର ସ୍ମାର୍ଟ କ୍ଲାସ ରୁମ୍ ସହ ବିଜ୍ଞାନଗାର, ଲାଇବ୍ରେରୀ ଏବଂ କମ୍ପ୍ୟୁଟର ଲାବ ବୁଲି ଟିକିନିଖି ଜିନିଷର କାର୍ଯ୍ୟ ତଦାରଖ କରିଛନ୍ତି। ପରେ ବିଧାୟକ କଷାଫଳ ପଞ୍ଚାୟତର ଭଗବାନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ୫ଟି ରୂପାନ୍ତରଣ କାର୍ଯ୍ୟକ୍ରମ ବୁଲି ଦେଖିବା ସହ ତଦାରଖ ମଧ କରିଛନ୍ତି।



ସମୀକ୍ଷା ବୈଠକରେ ବିଧାୟକ ସ୍ୱରୂପ କୁମାର ଦାସ ଓ ଅନ୍ୟମାନେ।

## ବଧୂହତ୍ୟା ମାମଲା: ସ୍ୱାମୀ ଥାନାରେ ଅଟକ

ବାସୁଦେବପୁର,୧୧।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିଦେଇପୁର ପଞ୍ଚାୟତ ଗୋପାଳବସ୍ତିରେ ରୁକ୍ମିଣୀ ବାରିକ ନାମ୍ନୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଯୌତୁକ ପାଇଁ ଶାଶୁଘର ଲୋକେ ଯୋଜନାବଦ୍ଧ ଭାବେ ରୁକ୍ମିଣୀଙ୍କୁ ମାରି ଦେଇଥିବା ତାଙ୍କ ବାପା କଷିଆ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ଏନେଇ କଷିଆ ସାମୁଦ୍ରିକ ଥାନାରେ ବଧୂହତ୍ୟା ମାମଲା(ନଂ.୧୩୪/୨୧) ରୁଜୁ କରାଯାଇଛି। ମୃତ ରୁକ୍ମିଣୀଙ୍କ ସ୍ୱାମୀଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ପ୍ରଦୀପ ମାଝୀ କହିଛନ୍ତି।

## ୧୧୫ ୟୁନିଟ ରକ୍ତ ସଂଗ୍ରହ

ପାଟଣା,୧୧।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଚନୀମାଳିପଶି ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟରେ ରବିବାର ପାଟଣା ଓଡ଼ିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୧୧୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବିଧାୟକ ଜଗନ୍ନାଥ ନାଏକ ଉଦ୍‌ଘାଟନ କରିଥିଲେ।

## ଗାଁ ସାଥୀଙ୍କ ଗଣଧାରଣା



ଗାଁସାଥୀମାନେ ବିଡିଓ ଜ୍ୟୋତି ପ୍ରକାଶ ଦାଶଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଚାନ୍ଦବାଲି,୧୧।୧୦(ଡି.ଏନ.ଏ.)

୫ ଦଫା ରାଜ୍ୟସ୍ତରୀୟ ଓ ୨୫ ଦଫା ବ୍ଲକସ୍ତରୀୟ ଦାବି ନେଇ ଗାଁ ସାଥୀ ମେଟ୍ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ସୋମବାର ଗଣଧାରଣା ଦିଆଯାଇଥିଲା। ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧକ୍ଷତାରେ ଗାଁସାଥୀମାନେ ଧାରଣା ଦେଇଥିଲେ। ୨୦୦୮ରୁ ଶିକ୍ଷାଗତ ଯୋଗ୍ୟତା ଓ ବୟସସୀମା ୨୧ରୁ ୩୫ ଆଧାରରେ ଚୟନ ହୋଇ ଏଯାବତ୍ ନ୍ୟାୟ ଅପେକ୍ଷାରେ ଥିବା ୪୧୦ଜଣ ଗାଁସାଥୀଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ଦାବି କରାଯାଇଛି। ସେହିପରି ଗାଁସାଥୀମାନଙ୍କୁ ପର୍ଯ୍ୟାପ୍ତ ପ୍ରଶିକ୍ଷଣ, ଠିକ୍ ଡାଟାବେସ୍ ପ୍ରସ୍ତୁତି, ମାସକୁ ସର୍ବନିମ୍ନ ୧୦ ଦିନର ଉଚିତ୍ ପ୍ରାପ୍ୟ ପ୍ରଦାନ ଆଦି ଦାବି ସମ୍ବଳିତ ଏକ ଦାବିପତ୍ର ସଂଘ ପକ୍ଷରୁ ଚାନ୍ଦବାଲି ବିଡିଓ ଜ୍ୟୋତି ପ୍ରକାଶ ଦାଶଙ୍କ ଜରିଆରେ ପଞ୍ଚାୟତିରାଜ ବିଭାଗ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଗାଁସାଥୀ ସଙ୍ଗଠକ ବୈଷ୍ଣବ ଦାସ, ଅଶୋକ ଦାସ, ଅର୍ଜୁନ ବେରା, ସବିତା ପରିଡ଼ା, ମୁକ୍ତିକାନ୍ତ ସେଠୀ, କିଶୋର ନାୟକ ପ୍ରମୁଖ ଗଣଧାରଣାର ନେତୃତ୍ୱ ନେଇଥିଲେ।

## ବରିଷ୍ଠ ନାଗରିକଙ୍କୁ ଔଷଧ କିଟ୍

ଔପଦା, ୧୧।୧୦(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀଙ୍କ ଜନଔଷଧି କାର୍ଯ୍ୟକ୍ରମ ପ୍ରୟାସରେ ଔପଦା କେନ୍ଦ୍ର ପକ୍ଷରୁ ସ୍ଥାନୀୟ ବରିଷ୍ଠ ନାଗରିକମାନଙ୍କୁ ଔଷଧ କିଟ୍ ବଣ୍ଟନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମବାର୍ଷିକୀରେ ଆୟୋଜିତ ନିରାମୟ ଅମୃତ ଯୋଜନା କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ଡ. ହରପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ।

ମୁଖ୍ୟଅତିଥି ଭାବେ ଔପଦା ଥାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱଜ କୁମାର ରାଉତରାଏ ଯୋଗଦେଇ ସମାଜର ମୂଳପିଢି ବରିଷ୍ଠ ନାଗରିକମାନଙ୍କୁ ସହାୟତାର ହାତ ବଢ଼ାଇଥିବାରୁ କେନ୍ଦ୍ର ପରିଚାଳକଙ୍କୁ ପ୍ରଶଂଶା କରିଥିଲେ। ଅନ୍ୟତମ ଅତିଥି ଭାବେ ଔପଦା ଡାକ୍ତରଖାନାର ଡା. ଚନ୍ଦନକୁମାର ମହାକୁଡ଼, ଆୟୁଷ ଡା. ଉତ୍ତମପ୍ରକାଶ ଦାଶମହାପାତ୍ର, ସ୍ଥାନୀୟ ସରପଞ୍ଚ ମଧୁସୂଦନ ମଲ୍ଲିକ, ସମିତିସଭ୍ୟ ଅଶୋକ କୁମାର ପ୍ରଧାନ, ବରିଷ୍ଠ ନାଗରିକ ତଥା ଅବସର ଶିକ୍ଷକ ରାମଚନ୍ଦ୍ର ବେହେରା ଓ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶାଖା ପରିଚାଳକ ଶ୍ରବଣୀଲତା ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ୭୫ ଜଣ ବରିଷ୍ଠ ନାଗରିକଙ୍କୁ କିଟ୍ ପ୍ରଦାନ କରାଯାଇଥିଲା।

## ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ବ୍ୟାହତ

ଭଣ୍ଡାରିପୋଖରୀ, ୧୧।୧୦(ଡି.ଏନ.ଏ)

**ଆୟୁଷ ଡାକ୍ତରଙ୍କ ଅସହଯୋଗ ଆନ୍ଦୋଳନ**

ଦୀର୍ଘ ୧୪ ବର୍ଷ ଧରି ନିରବଚ୍ଛିନ୍ନ ସେବା ଯୋଗାଇ ଆସୁଥିଲେ ମଧ ସରକାର ସେମାନଙ୍କ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ କରି ଆୟୁଷ ଡାକ୍ତରମାନେ ଅସହଯୋଗ ଆନ୍ଦୋଳନ ଜାରି ରଖିଛନ୍ତି। ପ୍ରତିବାଦ ସ୍ୱରୂପ ସେମାନେ ଗାନ୍ଧୀ ଜୟନ୍ତୀଠାରୁ ଏଲୋପାଥି ଚିକିତ୍ସା ବର୍ଜନ କରିଛନ୍ତି। ଫଳରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏହା ଅଧୀନ ୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ ଡାକ୍ତର ନିୟୋଜିତ ଅଛନ୍ତି। ଜଗନ୍ନାଥପ୍ରସାଦ, ମଞ୍ଜୁରୀ, ବିରୋଳି, ରହଣିଆ, ବାରିକପୁର, ମଞ୍ଜୁରୀରୋଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ନିୟମିତ ଡାକ୍ତର ଜଣଙ୍କ ଛୁଟିରେ ଯାଇଥିବା ବେଳେ ଜଣେ ମାତ୍ର ଆୟୁଷ ଡାକ୍ତରଙ୍କ ଦ୍ୱାରା ଯଥେକଷ୍ଟେ ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଛି। ଆନ୍ଦୋଳନରେ ଥାଇ କେବଳ ଆୟୁର୍ବେଦିକ ଔଷଧ ଦେଉଥିବାରୁ ଅନ୍ୟ ରୋଗୀ ନିରାଶ ହୋଇ ଫେରୁଛନ୍ତି।

## ସରପଞ୍ଚ ସଂରକ୍ଷଣ ତାଲିକାରେ ତ୍ରୁଟି

ଖଇରା, ୧୧।୧୦(ଡି.ଏନ.ଏ.)

ବାଲେଶ୍ୱରଜିଲାଖଇରାବ୍ଲକଅଧୀନସରପଞ୍ଚ ସଂରକ୍ଷଣ ତାଲିକାରେ ତ୍ରୁଟି ଥିବା ନେଇ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧିମାନେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ତାଙ୍କ ନଜରକୁ ଆସିଛି, ଏହାକୁ ସଂଶୋଧନ କରାଯିବ ବୋଲି ଦାୟିତ୍ୱରେ ଥିବା ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦେବ ସୁନ୍ଦର ବରାଳ କହିଛନ୍ତି। ଅଭିଯୋଗ ଅନୁଯାୟୀ ୩୭ ପଞ୍ଚାୟତ ମଧ୍ୟରୁ ୧୯ଟି ସାଧାରଣବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଏଥିମଧ୍ୟରୁ ୧୦ଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିବା କଥା। ହେଲେ ତ୍ରୁଟିପୂର୍ଣ୍ଣ ଭାବେ ମାତ୍ର ୫ଟି ପଞ୍ଚାୟତ ଅଚ୍ୟୁତପୁର, ବଡଜୟୀପୁର, ବାଉଁଶଗଡିଆ, ମାଖନପୁର, ଶ୍ୟାମସୁନ୍ଦରପୁର ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ସେହିଭଳି ବରଦା, କୁପାରୀ ସମେତ ଅନ୍ୟ କିଛି ପଞ୍ଚାୟତରେ ସଂରକ୍ଷଣ ଗାଇଡ୍‌ଲାଇନକୁ ଉଲ୍ଲଂଘନ କରାଯାଇଥିବା ନେଇ ବହୁ ଲୋକପ୍ରତିନିଧି ଲିଖିତ ଅଭିଯୋଗ କରିଛନ୍ତି।

## ମଣ୍ଡପରେ ଷଷ୍ଠୀ ବେଲବରଣୀ ପୂଜା

ଢେଙ୍କିକୋଟ,୧୧।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟସ୍ଥିତ ଶାରଦୀୟ ଦୁର୍ଗାପୂଜା କମିଟି ତରଫରୁ ଦେବୀ ମଣ୍ଡପଠାରେ ଦୁର୍ଗତି ନାଶିନୀ ମା’ ଦୁର୍ଗାଙ୍କ ପୂଜା ଯଥାବିଧି ସୋମବାରଠାରୁ ଆରମ୍ଭ ହୋଇଛି। ସନ୍ଧ୍ୟା ସାଢ଼େ ୭ଟାରେ ଭଦ୍ରକ ଅଞ୍ଚଳର ପୂଜକ ବିଷ୍ଣୁ ମୋହନ ପତି, ମାନସ ରଞ୍ଜନ ପତି, ରମାକାନ୍ତ ପଣ୍ଡା ଓ ପ୍ରଦୀପ କୁମାର ପଣ୍ଡାଙ୍କ ଦ୍ୱାରା ବେଲ ବରଣୀ କରାଯାଇଥିଲା। ମଣ୍ଡପର ପୁରୋଧା ତଥା ସଂକଳ୍ପଧାରୀ ତ୍ରୈଲୋଚନ ବେହେରା ତାଙ୍କ ସହଧର୍ମିଣୀଙ୍କ ସହ ପୂଜା କରିଥିଲେ। କମିଟିର ଉପଦେଷ୍ଟା ଉତ୍ତମ କୁମାର ନାୟକ, ସଭାପତି ଚିତ୍ତରଞ୍ଜନ ସାହୁ, ସମ୍ପାଦକ ଶତ୍ରୁଘ୍ନ ସାହୁଙ୍କ ସମେତ ଶତାଧିକ ସଦସ୍ୟ ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## କେନ୍ଦ୍ରମନ୍ତ୍ରୀଙ୍କ ବ୍ୟବହାରରେ ଅଧିକାରୀ କ୍ଷୁବ୍ଧ



ଅଧିକାରୀମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଜଣାଉଛନ୍ତି।

ବାରିପଦା ଅଫିସ,୧୧।୧୦

**କଳାବ୍ୟାଜ୍ ପିନ୍ଧି ପ୍ରତିବାଦ**

କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ବିଭାଗ ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁଙ୍କ ବ୍ୟବହାରରେ କ୍ଷୁବ୍ଧ ହୋଇଛନ୍ତି ଓଡ଼ିଶା ପ୍ରଶାସନିକ ସେବା ସଂଘ ମୟୂରଭଞ୍ଜ ଶାଖାର ଅଧିକାରୀମାନେ। ସଂଘର ସଭାପତି ତଥା ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି ଅଧକ୍ଷତାରେ ସୋମବାର ସନ୍ଧ୍ୟାରେ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାରେ କାର୍ଯ୍ୟରତ ପ୍ରଶାସନିକ ସେବା ଅଧିକାରୀମାନେ ବୈଠକରେ ଉପସ୍ଥିତ ରହି କଳାବ୍ୟାଜ ପରିଧାନ କରି ପ୍ରତିବାଦ ଜଣାଇଥିଲେ।

ସଂଘର ଅଭିଯୋଗ ଅନୁଯାୟୀ, ଗତ ଶନିବାର କେନ୍ଦ୍ରମନ୍ତ୍ରୀ ଟୁଡୁଙ୍କ ମୟୂରଭଞ୍ଜ ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଥିଲା । ବାରିପଦା ସର୍କିଟ ହାଉସରେ ୩ଟି କୋଠରୀ ତାଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିଥିଲା। ତେବେ ସେ ଅଧିକ ଦୁଇଟି କୋଠରୀ ଚାହିଁଥିଲେ। ମାତ୍ର ସର୍କିଟ ହାଉସର କୋଠରୀ ମରାମତି କାର୍ଯ୍ୟ ଚାଲିଥିବାରୁ ଅଧିକ କୋଠରୀ ଦେବାରେ ସମ୍ଭବ ହୋଇ ନ ଥିଲା । ଏହାକୁ ନେଇ ମନ୍ତ୍ରୀ ଟୁଡୁ ଫୋନ ଯୋଗେ ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତିଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ନିଜର ପଦ ମର୍ଯ୍ୟାଦାକୁ ଭୁଲିଯାଇ କେନ୍ଦ୍ରମନ୍ତ୍ରୀ ଅସାମ୍ବିଧାନିକ, ଅଶାଳୀନ ତଥା କଦର୍ଯ୍ୟ ଭାଷା ପ୍ରୟୋଗ କରି ଗାଳିଗୁଲଜ କରିବାକୁ ନେଇ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଆଗାମୀ ଦିନରେ ମନ୍ତ୍ରୀ ତାଙ୍କ ଆଚରଣରେ ପରିବର୍ତ୍ତନ ନ ଆଣିଲେ ବ୍ୟାପକ ବିରୋଧ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରକାଶ ଚନ୍ଦ୍ର ବେହେରା(ରାଜସ୍ୱ), ଉଦଳା ଉପଜିଲାପାଳ ଭଗବାନ ବେହେରା ପ୍ରମୁଖ ଉପସ୍ଥିତ ରହି ପ୍ରତିବାଦ ଜଣାଇଥିଲେ। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଟୁଡୁଙ୍କ ମତାମତ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ହେଁ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

## ଗୋଟିଏ ରାତିରେ ୪ ମନ୍ଦିରରୁ ଚୋରି

ସୋର, ୧୧।୧୦(ଡି.ଏନ.ଏ.)

ରବିବାର ବିଳମ୍ବିତ ରାତିରେ ସୋର ଥାନା ଅଧୀନ ଗୋପୀନାଥପୁର ଏବଂ ଶିଙ୍ଗାଖୁଣ୍ଟା ପଞ୍ଚାୟତରେ ୪ ମନ୍ଦିରରୁ ସୁନା, ରୁପା ଗହଣା ବାସନ ସହିତ ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଗୋପୀନାଥପୁର ଜୋକା ଗ୍ରାମର ଶିବ ମନ୍ଦିର, ତାରିଣୀ ମନ୍ଦିର ଏବଂ ହନୁମାନ ମନ୍ଦିର କବାଟ ତାଲା ଭାଙ୍ଗି ଦାନରେ ମିଳିଥିବା ସୁନା, ରୁପା ଅଳଙ୍କାର ଏବଂ ଦାନବାକ୍ସରୁ ଟଙ୍କା ଚୋରି ହୋଇଥିବା ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ହୋଇଛି। ସେହିପରି ଶିଙ୍ଗାଖୁଣ୍ଟା ପଞ୍ଚାୟତ କୁମ୍ଭୀ ଗ୍ରାମର ବଂଶୀଧାରୀ ରାଧାକୃଷ୍ଣ ମନ୍ଦିରରୁ ରାଧାକୃଷ୍ଣଙ୍କ ଅଷ୍ଟଧାତୁ ବିଗ୍ରହ, ରୁପା ମୁକୁଟ, ରୁପା ବଂଶୀ, ଜଗନ୍ନାଥଙ୍କ ରୁପା ମୁକୁଟ, ରୁପା ହାର ଚୋରି ହୋଇଥିବା ସ୍ଥାନୀୟ ବାସିନ୍ଦା ସୁନୀଲ ବିଶ୍ୱାଳ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି।

ପୃଷ୍ଠା-୧ ରୁ...

### ରାଇସୁଆଁ, ଟଣ୍ଟୋ...

ଏଣୁ ଏୟାରଷ୍ଟ୍ରିପ୍‌ର ବିକାଶ କରାଗଲେ ରାଜ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିମାନବନ୍ଦର ହୋଇପାରନ୍ତା ବୋଲି ଜିଲାର ବିଶିଷ୍ଟ ଶିଳ୍ପପତି ଦେବବ୍ରତ ବେହେରା କହିଛନ୍ତି। ଏନେଇ ଅତିରିକ୍ତ ଜିଲାପାଳ ସନ୍ତୋଷ ନାୟକ କହିଛନ୍ତି, ନିଶ୍ଚିତ ଭାବେ ଏୟାରଷ୍ଟ୍ରିପ୍‌ଗୁଡ଼ିକର ବିକାଶ ହେଲେ ଜିଲାବାସୀ ସୁଫଳ ପାଇପାରିବେ। ସେଭଳି ପ୍ରସ୍ତାବ ଆସିଲେ ନିଶ୍ଚିତ ଭାବେ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯିବ।

### କୋଟିଏରୁ...

ଓ ଅନ୍ୟ ମାରଣାସ୍ତ୍ର ଜବତ କରାଯାଇଛି। ଖବରପାଇ ଆଠଗଡ ଥାନା ଏସ୍‌ଡିପିଓ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଟଙ୍କା ଗଣାଯିବା ପରେ ୧ କୋଟି ୫ଲକ୍ଷ ଟଙ୍କା ଟ୍ରଙ୍କ ମଧରେ ରହିଥିବା ଜଣାପଡିଛି। ବାକି ୨୪ ଲକ୍ଷ ଟଙ୍କା ଫେରାର ଦୁର୍ବୃତ୍ତ ନେଇ ପଳାଇଥିବା ପୋଲିସ କହିଛି। ଏ ସଂକ୍ରାନ୍ତରେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ କହିଛନ୍ତି, କ୍ୟାଶ୍ ଭ୍ୟାନ୍ ଲୁଟ୍ ସମ୍ପର୍କରେ ଆଠଗଡ ପୋଲିସ ପକ୍ଷରୁ ତୁରନ୍ତ ସୀମାନ୍ତ ଜିଲାର ବିଭିନ୍ନ ଥାନାକୁ ଜଣାଇ ଦିଆଯାଇଥିଲା। ଆଠଗଡ ଓ ଢେଙ୍କାନାଳ ପୋଲିସ ଦୁର୍ବୃତ୍ତମାନଙ୍କ ପିଛା କରିଥିଲା। ଭୋଜଦେଇପୁରଠାରେ ଦୁର୍ବୃତ୍ତମାନେ କାରକୁ ଛାଡି ନାଳ ଓ ଚାଷଜମି ଦେଇ ପଳାଉଥିବା ବେଳେ ଢେଙ୍କାନାଳ ସଦର ଥାନା ଅଧିକାରୀ ଓ ତାଙ୍କ ଟିମ୍ ୩ ଜଣଙ୍କୁ ଧରିଥିଲେ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲା ପୁରୁଣାକଟକ ଥାନା ଉପରକଟା ଗ୍ରାମର ଜଳିଦେବ କଅଁର ଓରଫ କାଳିଆ (୨୪), କଟକ ଜିଲା ନିଆଳି ଥାନା ନାଟି ଗ୍ରାମର ହରେକୃଷ୍ଣ ସ୍ୱାଇଁ (୩୧) ଓ ଆଠଗଡ଼ ଥାନା ଅରଖପାଟଣା ତଳସାହିର ବିବେକାନନ୍ଦ ନାୟକ (୨୮) ବୋଲି କେନ୍ଦ୍ରାଞ୍ଚଳ ଆଇଜି ପ୍ରକାଶ କରିଛନ୍ତି। ତେବେ ଏହି ଘଟଣାରେ ଉଭୟ ଆଠଗଡ଼ ଓ ଢେଙ୍କାନାଳ ପୋଲିସକୁ ପ୍ରଶଂସା କରିଛନ୍ତି ଡିଜିପି ଅଭୟ।

# ଧରାପଡ଼ିଲେ ୩ ଲୁଟେରା

## ୮ ବାଇକ୍ ଜବତ

ବିଶୋଇ/ରାଇରଙ୍ଗପୁର, ୧୧।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲାରେ ସକ୍ରିୟ ଥିବା ଏକ ବାଇକ୍ ଲୁଟେରା ଗ୍ୟାଙ୍ଗର ୩ ସଦସ୍ୟଙ୍କୁ ବିଶୋଇ ଥାନା ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୮ ଚୋରା ବାଇକ୍ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ତିରିଂ ଥାନା ଅଧୀନ ଲୁପୁଙ୍ଗ ଗାଁର ମାଝିଆ ଟୁଡୁ ଓ କୁଲୁଘୁଟୁ ଗ୍ରାମର ୨ ଭାଇ ଦାମୁ ଆଲଦା ଏବଂ ସାଙ୍ଗା ଆଲଦା(୩୮)।

ଗତ ସେପ୍ଟେମ୍ବର ୧୭ରେ ବିଶୋଇ ଥାନା ଅନ୍ତର୍ଗତ ବୁଢ଼ିଗଡ଼ା ଗ୍ରାମରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଦେଖିବାକୁ ଆସିଥିବା ବିଜାତଳା ବ୍ଲକ ଅନ୍ତର୍ଗତ ପାଟପୁର ଗ୍ରାମର ଗୋପୀନାଥ ମାଝିଙ୍କ ଏକ ବାଇକ୍ ଚୋରି ହୋଇଯାଇଥିଲା। ଏନେଇ ଗୋପୀନାଥ ବିଶୋଇ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୧୧୯/୨୧) ରୁଜୁ ହୋଇଥିଲା। ଥାନା ଅଧିକାରୀ ଫଣିନ୍ଦ୍ର ଭୂଷଣ ନାଏକଙ୍କ ତତ୍ତ୍ୱାବଧାନ ତଥା ଏଏସ୍ଆଇ ନିରଞ୍ଜନ ସୋରେନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ଜାରି ରହିଥିଲା। ବିଶେଷ ସୂତ୍ରରୁ ଖବର ପାଇ ଏଏସ୍ଆଇ ସୋରେନ ତିରିଂ ଥାନା ଅଧିକାରୀ ପ୍ରଫୁଲ୍ଲ ବାରିକଙ୍କ ସହାୟତାରେ ରବିବାର ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କ ପାଖରୁ ୮ ଚୋରା ବାଇକ୍ ଜବତ କରିଥିଲେ। ଲୁଟେରାମାନେ ମୟୂରଭଞ୍ଜ ଜିଲା ସମେତ ପଡ଼ୋଶୀ ରାଜ୍ୟରେ ଚୋରା ବାଇକ୍‌ଗୁଡ଼ିକୁ କମ୍ ମୂଲ୍ୟରେ ବିକ୍ରି କରୁଥିଲେ। ତେବେ, ଗିରଫ ଅଭିଯୁକ୍ତଙ୍କ ସୂଚନାକୁ ଆଧାର କରି ଗ୍ୟାଙ୍ଗରେ ସାମିଲରେ ଥିବା ଅନ୍ୟ ଲୁଟେରାମାନଙ୍କୁ ଯଥାଶୀଘ୍ର ଧରାଯିବ ବୋଲି ବିଶୋଇ ଥାନା ଅଧିକାରୀ ନାଏକ ସୂଚନା ଦେଇଛନ୍ତି।

# ବାସି ଖାଦ୍ୟ ନଷ୍ଟ ସହ ଜରିମାନା ଆଦାୟ

## ଖାଦ୍ୟ ନିରାପତ୍ତା ଟିମ୍‌ର ଚଢ଼ାଉ

ବାଲେଶ୍ୱର ଅଫିସ, ୧୧।୧୦

ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ପାର୍ବଣ ସମୟରେ ବାସି ଓ ନିମ୍ନମାନର ଖାଦ୍ୟ ବିକ୍ରି ଉପରେ ଅଙ୍କୁଶ ଲଗାଇବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଖାଦ୍ୟ ନିରାପତ୍ତା ଟିମ୍ ଦ୍ୱାରା ଗତ ୧୫ଦିନ ଧରି ଜିଲାର ବିଭିନ୍ନ ଅଞ୍ଚଳ ବିଶେଷ କରି ସହରାଞ୍ଚଳର ବିଭିନ୍ନ ହୋଟେଲ, ରେସ୍ତୋରାଁ, ମିଠା ଦୋକାନ, ଖାଦ୍ୟସାମଗ୍ରୀ ବିକ୍ରୀ କରୁଥିବା ରାସ୍ତାକଡ଼ ଉଠାଦୋକାନରେ ଅଚାନକ ପରିଦର୍ଶନ ସହ ଚଢ଼ାଉ ଜାରି ରହିଛି ।

ସୋମବାର ଏହି ଟିମ୍ ଦ୍ୱାରା ସହରର ମୋତିଗଞ୍ଜ, ନୂଆବଜାର, ଫକୀରମୋହନ ଗୋଲେଇ ଓ କୁରୁଡ଼ା ଅଞ୍ଚଳରେ ବିକ୍ରି ହେଉଥିବା ଖାଦ୍ୟପଦାର୍ଥର ଗୁଣାତ୍ମକ ମାନ ଯାଞ୍ଚ କରାଯାଇଥିଲା। ଚଢ଼ାଉ ବେଳେ ପ୍ରାୟ ୫୦ କିଲୋ ବାସି ଖାଦ୍ୟ ଓ ମିଷ୍ଟାନ୍ନ ନଷ୍ଟ କରାଯିବା ସହ ଦୋକାନୀମାନଙ୍କଠାରୁ ୧୫ହଜାର ୬ଶହ ଟଙ୍କାର ଜରିମାନା ଆଦାୟ କରାଯାଇଛି। ନୀଳଗିରି ଓ ରେମୁଣା ଅଞ୍ଚଳରେ ଚଢ଼ାଉ କରାଯାଇ ୫ହଜାର ୮ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ସୋର, କୁରୁଡ଼ା ଅଞ୍ଚଳରୁ ୫ହଜାର ୫ଶହ ଟଙ୍କା, ଜଳେଶ୍ୱର ଓ ବାଲେଶ୍ୱର ସହରାଞ୍ଚଳରୁ ୪ହଜାର ୩ଶହ ଟଙ୍କା ଜରିମାନା ଆଦାୟ ହୋଇଛି। ଖାଦ୍ୟ ଓ ମିଷ୍ଟାନ୍ନର ଗୁଣାତ୍ମକମାନ ବଜାୟ ରଖିବା ସହିତ ସେଗୁଡ଼ିକର ପ୍ରସ୍ତୁତ/ତିଆରି ତାରିଖ ଏବଂ ଏକ୍ସପାଏରୀ ତାରିଖ ଉଲ୍ଲେଖ କରିବାକୁ ସମସ୍ତ ଦୋକାନୀକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଖିଲାପ କଲେ ଫୁଡ୍ ଲାଇସେନ୍ସ ବାତିଲ୍ କରାଯିବା ସହିତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ଖାଦ୍ୟ ସୁରକ୍ଷା ଅଧିକାରିଣୀ ଅନୁଶ୍ରୀ ଖଟୁଆ, ସ୍ୱାସ୍ଥ୍ୟ ସୁପରଭାଇଜର ଗଦାଧର ବେହେରାଙ୍କ ସମେତ ବିଭାଗୀୟ କର୍ମଚାରୀ ନିତ୍ୟାନନ୍ଦ ପତି, ରାମଚନ୍ଦ୍ର ପତି ଏବଂ ହରିହର ଦାସ ପ୍ରମୁଖଙ୍କ ନେଇ ଗଠିତ ଏହି ଖାଦ୍ୟ ନିରାପତ୍ତା ଟିମ୍ ଦ୍ୱାରା ଆଗକୁ ନିୟମିତ ଏଭଳି ଚଢ଼ଉ ଜାରି ରହିବ ବୋଲି ସୂଚନା ମିଳିଛି ।



ଅଧିକାରୀମାନେ ଚଢାଉ କରି ଯାଞ୍ଚ କରୁଛନ୍ତି।

# ଅଭିଯୁକ୍ତଙ୍କୁ ଗିରଫ ଦାବି ତେଜିଲା

- ବିଧାୟକଙ୍କ ଗାଡ଼ି ଉପରକୁ ବୋମାମାଡ଼ ଘଟଣା
- ଆଜି ପୁଣି ଜାତୀୟ ରାଜପଥ ଅବରୋଧ

କେନ୍ଦୁଝର, ୧୧।୧୦ (ସ୍ୱ.ପ୍ର.)

କେନ୍ଦୁଝର ସଦର ବିଧାୟକ ମୋହନ ମାଝିଙ୍କ ଗାଡ଼ି ଉପରକୁ ବୋମାମାଡ଼ ଘଟଣାକୁ ୨୭ ଘଣ୍ଟା ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ୩ ଟିମ୍ ଯୋଡ଼ା, ଚମ୍ପୁଆ ଓ ସଦର ଥାନା ଅଞ୍ଚଳରେ ତଦନ୍ତ କରୁଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ରବିବାର ଏସ୍‌ପି ମିତ୍ରଭାନୁ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ ହେଁ ଅଦ୍ୟାବଧି ଗିରଫ କରାଯାଇ ନାହିଁ। ମଙ୍ଗଳବାର ସକାଳ ୯ରୁ ଗାନ୍ଧୀ ଛକରେ ୪୯ ନଂ. ଜାତୀୟ ରାଜପଥ ଅବରୋଧ କରାଯିବାକୁ ସୋମବାର ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିରେ ରାଜ୍ୟସ୍ତରୀୟ ଅନ୍ୟ ବିଧାୟକ ଓ ନେତାମାନେ ସାମିଲ ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷେ ସଦର ବିଧାୟକ ମାଝି କରୁଥିବା ମିଥ୍ୟା ଦୋଷାରୋପ ବିରୋଧରେ ଆଇନଗତ ପଦକ୍ଷେପ ନେବେ ବୋଲି ବିଜେଡି ନେତା ରାଜା ଚକ୍ର କହିଛନ୍ତି। ପୋଲିସ ରାଜାଙ୍କୁ ଥାନାକୁ ଡାକି ଘଟଣା ବିଷୟରେ ପଚରାଉଚରା କରୁଛି।

ବିଧାୟକ ମାଝି କହିଛନ୍ତି ଯେ, ଓଏମ୍‌ସିରେ ଚାଲିଥିବା ଶ୍ରମିକ ଆନ୍ଦୋଳନରେ ବିଜେଡିର ଲୋଡିଂ ଏଜେନ୍ସି ପକ୍ଷରୁ ତାଙ୍କ ଦଳୀୟ କର୍ମୀଙ୍କୁ ଆକ୍ରମଣ କରାଯାଇଥିଲା। ସେ ଉକ୍ତ ଆନ୍ଦୋଳନ ସ୍ଥଳକୁ ଯାଇଥିଲେ। ସେହିପରି ବିଜେଡିର ବୈଠକରେ ରାଜା ମୋହନ ମାଝୀଙ୍କ ଅଣ୍ଟା ଭାଙ୍ଗିଦେବା କଥା କହିଥିଲେ। ଏଣୁ ତାଙ୍କ କର୍ମୀମାନେ ଏଭଳି ବୋମା ପକାଇ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଆକ୍ରମଣକାରୀଙ୍କୁ ଧରିବେ ବୋଲି ପୋଲିସ ଉପରେ ଭରସା ରହିଥିବା ସେ କହିଛନ୍ତି। ଅପରପକ୍ଷେ ଏନେଇ ରାଜା କହିଛନ୍ତି, ଅଣ୍ଟା ଭାଙ୍ଗିବା ଅର୍ଥ ଠେଙ୍ଗା କିମ୍ବା ବାଡ଼ିରେ ନୁହେଁ ତାଙ୍କ ସଙ୍ଗଠନକୁ ଦୁର୍ବଳ କରିବା। ତାକୁ ସେ କଦର୍ଯ୍ୟ କରି କହୁଛନ୍ତି। ଲୋକେ ସତ୍ୟାସତ୍ୟ ଜାଣିବା ଜରୁରୀ। ଏଣୁ ଏହାର ତଦନ୍ତ ପାଇଁ ସେ ମଧ୍ୟ ଦାବି କରିଛନ୍ତି। ଏ ସମ୍ପର୍କରେ ଟାଉନ ଥାନାଧିକାରୀ ପ୍ରମୋଦିନୀ ସାହୁ ଘଟଣାର ତଦନ୍ତ ଚାଲିଥିବା କହିଛନ୍ତି।

# ବନ୍ଧା ହେଲେ ରେଳ କର୍ମଚାରୀ

- ଚାକିରି ଦେବା ନାଁରେ ଠକେଇ ଅଭିଯୋଗ
- ଜାଲ୍ ନିଯୁକ୍ତିପତ୍ର, ବ୍ୟାଙ୍କ ଚେକ୍, ମୋବାଇଲ ଫୋନ ଜବତ

ବାରିପଦା ଅଫିସ,୧୧।୧୦

ଚାକିରି ଦେବା ଆଳରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଜଣେ ରେଳ ବିଭାଗ କର୍ମଚାରୀଙ୍କୁ ସୋମବାର ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ କୋର୍ଟ ଚାଲାଣ କରିଛି। ସେ ହେଲେ କିଶୋର ଚନ୍ଦ୍ର ବେହେରା। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୮୫୭/୨୧) ରୁଜୁ କରି ମିଥ୍ୟା ନିଯୁକ୍ତିପତ୍ର, ବ୍ୟାଙ୍କ ଚେକ୍ ଓ ଏକ ମୋବାଇଲ ଫୋନ ଜବତ କରିଛି। ସୋମବାର ଅପରାହ୍ନରେ ବାରିପଦା ସଦର ଏସ୍‌ଡିପିଓ କେ.କେ.ହରିପ୍ରସାଦ ଓ ଆଇଆଇସି ବୀରେନ୍ଦ୍ର ସେନାପତି ଏକ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି ।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ କିଶୋର କେନ୍ଦୁଝର ଜିଲା ଯୋଡ଼ାଠାରେ ପୂର୍ବତଟ ରେଳବାଇର ଚାକିରି କରନ୍ତି। ତେବେ ନିଜକୁ ରେଳବାଇର ଗ୍ରୁପ-ସି ଓ ଗ୍ରୁପ-ଡି ବିଭାଗର ସିଲେକ୍ସନ କମିଟି ସଦସ୍ୟ ଭାବେ ପରିଚୟ ଦେଇ ଚାକରି ଦେବା ନାମରେ ଠକେଇ କରି ଆସୁଥିଲେ। ବାରିପଦା ୱାର୍ଡନଂ.୨୬ ଯମୁନାଦେଇପୁର ଅଞ୍ଚଳର ସଦାନନ୍ଦ ମହାନ୍ତ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ଗଣେଶକୁ ରେଳ ବିଭାଗରେ ନିଯୁକ୍ତି ଦେବା ପାଇଁ ସେ କିଶୋରଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ସଦାନନ୍ଦ ନିଜ ପୁଅ ସହିତ ଅନ୍ୟ ସମ୍ପର୍କୀୟଙ୍କ ଚାକିରି ପାଇଁ ପର୍ଯ୍ୟାୟ କ୍ରମେ ମୋଟ ୯ଲକ୍ଷ ୩୧ହଜାର ଟଙ୍କା କିଶୋରଙ୍କୁ ପ୍ରଦାନ କରିଥିଲେ। ତେବେ ନିଯୁକ୍ତିରେ ବିଳମ୍ବ ହେବାରୁ କିଶୋରଙ୍କୁ ତାଗିଦ କରିବାରୁ ସେ ହ୍ୱାଟସ୍ ଆପ୍ ଯୋଗେ ରେଳବାଇର ଏକ ନିଯୁକ୍ତିପତ୍ର ପଠାଇଥିଲେ। ଯାହାକି ମିଥ୍ୟା ବୋଲି ଜାଣିବାକୁ ପାଇ ସମସ୍ତଙ୍କ ଟଙ୍କା ଫେରାଇବା ପାଇଁ ସଦାନନ୍ଦ ଦାବି କରିଥିଲେ। ମାତ୍ର କିଶୋର ତାଙ୍କୁ ଦିନ ଗଡ଼ାଇ ନିଜ ନାମରେ ଥିବା ଏକ ବ୍ୟାଙ୍କ ଚେକ୍ ପ୍ରଦାନ କରିଥିଲେ। ତେବେ ସେହି ଆକାଉଣ୍ଟରେ ଟଙ୍କା ନ ଥିବାରୁ ସଦାନନ୍ଦ ଆଇନର ଆଶ୍ରୟ ନେଇଥିଲେ।



ଗିରଫ ଅଭିଯୁକ୍ତ କିଶୋର ଚନ୍ଦ୍ର ବେହେରା ।

# ପୋଖରୀରେ ବୁଡ଼ିଗଲେ ବୃଦ୍ଧା, ଶିଶୁକନ୍ୟା

ବେତନଟୀ,୧୧।୧୦(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ହଳଦୀପଦା ଗ୍ରାମର ଜଣେ ବୃଦ୍ଧା ସୋମବାର ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ କୋଇଲି ବେହେରା। ଭୋର ସମୟରେ ଶୌଚପାଇଁ ପାଖ ଜଳାଶୟକୁ ଯାଇଥିବା ବେଳେ ସେ ପାଣିରେ ବୁଡ଼ି ଯାଇଥିଲେ। ସେହିପରି ଅପରାହ୍ନରେ ଯୁଗପୁରା ଗ୍ରାମର କାର୍ତ୍ତିକ ଚନ୍ଦ୍ର ମହାରଣାଙ୍କ ୩ ବର୍ଷର ଝିଅ ଗୀତାଞ୍ଜଳି ଖେଳୁଥିବା ସମୟରେ ଘର ପାଖ ଜଳାଶୟରେ ପଡ଼ି ଯାଇଥିଲେ। ପରିବାର ଲୋକ ଚିକିତ୍ସା ପାଇଁ ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନରେ ଦୁଇଟି ଅପମୃତ୍ୟୁ ମାମଲା(ନଂ.୩୫/୨୧ ଓ ୩୬/୨୧) ରୁଜୁ ହୋଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ